# ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ କାର୍ଯ୍ୟାଳୟ: ମୟୂରଭଞ୍ଜ

## (ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ)

**ବିଜ୍ଞାପନ ସଂଖ୍ୟା- ୩୩୬୪ ତା:- ୧୩-୦୬-୨୦୧୮**

ଏତଦ୍ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL Category) ସମସ୍ତ ଅନୁସୂଚୀତ ଜାତି (SC) ଶ୍ରେଣୀର ଅଭିଭାବକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷ ୨୦୧୮-୧୯ ରେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ ତଥା ନିଷ୍ପତି ଅନୁଯାୟୀ ସହରାଂଚଳ ଶିକ୍ଷା ଯୋଜନା 'ଅନ୍ୱେଷା' ମାଧ୍ୟମରେ ଅନୁସୂଚୀତ ଜନଜାତି ଓ ଜାତି ଶ୍ରେଣୀର ପିଲାମାନେ, ଜିଲ୍ଲାରେ ଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡିକରେ (ଷ୍ଟାଣ୍ଡାର୍ଡ-୧) ରେ ପଢିବା ପାଇଁ ବିଜ୍ଞାପନ ସଂଖ୍ୟା-୮୪୩ ତା.୨୨/୦୨/୨୦୧୮ ରିଖ ମାଧ୍ୟମରେ 'ସମାଜ' ଏବଂ 'ସମ୍ବାଦ' ଖବରକାଗଜ ରେ ତା୨୩/୦୨/୨୦୧୮ ରିଖ ରେ ପ୍ରକାଶିତ ହୋଇ ଅଭିଭାବକଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ତେବେ, ଅନୁସୂଚୀତ ଜାତି (SC) ବର୍ଗର ଅବଶ୍ୟକୀୟ ସଂଖ୍ୟକ ଦରଖାସ୍ତ ଫର୍ମ ଆବେଦନ ହୋଇନଥିବା ଯୋଗୁଁ ବର୍ତମାନ ବାରିପଦା (୨୯ ଗୋଟି), ଉଦଳା (୧୯ ଗୋଟି) ଏବଂ କରଞ୍ଜିଆ (୦୨ ଗୋଟି) ଆଦି ସବ୍‌ଡିଭିଜନ୍ ରେ ଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପାଇଁ ସର୍ବମୋଟ ୫୦ ଗୋଟି ସିଟ୍ ଖାଲି ଅଛି ।

ତେଣୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL Category) ର **ଅନୁସୂଚୀତ ଜାତି (SC) ବର୍ଗର ଅଭିଭାବକ ମାନଙ୍କୁ** ପୁଣି ଥରେ ଜଣାଇ ଦିଆଯାଉଅଛି ଯେ ଅନୁସୂଚୀତ ଜାତି (SC) ବର୍ଗର ପିଲାମାନେ (ଉଭୟ ପୁଅ ଓ ଝିଅ) ଯେଉଁ ମାନଙ୍କ ବୟସ ତା.୩୧/୦୩/୨୦୧୮ ସୁଦ୍ଧା ୬ ବର୍ଷ ପୁରଣ ହୋଇଥିବ କିନ୍ତୁ ୭ ବର୍ଷ ରୁ କମ୍ ହୋଇଥିବ, ସେମାନେ ସହରାଂଚଳରେ ଥିବା ଉତମ ମାନର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡିକରେ (ଷ୍ଟାଣ୍ଡାର୍ଡ-୧) ରେ ପଢିବାର ସୁଯୋଗ ପାଇବେ । ସହରାଂଚଳ ରେ ହଷ୍ଟେଲରେ ରହିବା, ଖାଇବା ପିଇବା, ବିଦ୍ୟାଳୟକୁ ଯିବା ଆସିବା ତଥା ପାଠ୍ୟ ଉପକରଣ ପୋଷାକ ଇତ୍ୟାଦିର ସମସ୍ତ ଖର୍ଚ ସରକାର ବହନ କରିବେ ।

ଏଣୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL Category) ର **ଆଗ୍ରହୀ ଅନୁସୂଚୀତ ଜାତି (SC) ବର୍ଗର ଅଭିଭାବକ ମାନଙ୍କୁ** ପୁଣିଥରେ ଅନୁରୋଧ ଯେ, ସେମାନେ ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ରର ନକଲ ସହ ଜିଲ୍ଲା ମଙ୍ଗଳ ଅଧିକାରୀ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ (DWO)/, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ADWO)/, ବ୍ଲକ କାର୍ଯ୍ୟାଳୟ (WEO) ଙ୍କ ନିକଟରେ ଦାଖଲ କରିବେ । ଏହି ଫର୍ମ ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ/ ତହସିଲ୍/ ବ୍ଲକ୍/ ସବ କଲେକ୍ଟର ଙ୍କ ଅଫିସ୍/ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଙ୍କ କାର୍ଯ୍ୟାଳୟ/ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ/ ଗ୍ରାମର ଶିକ୍ଷାନୁଷ୍ଠାନ ମାନଙ୍କରେ ଉପଲବ୍ଧ ହେବ । ଏହାର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ୍ http://www.mayurbhanj.nic.in ରେ ମଧ୍ୟ ଉପଲବ୍ଧ ଅଟେ ।

ଆବେଦନର ଶେଷ ତାରିଖ: ତା.୩୦/୦୬/୨୦୧୮ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ।

ମୋଟ ସିଟ୍ ସଂଖ୍ୟା- ୫୦

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍
ମୟୂରଭଞ୍ଜ

# ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ସହରାଞ୍ଚଳ ଶିକ୍ଷା ଯୋଜନାରେ ଚୟନ ନିମନ୍ତେ ଦରଖାସ୍ତ ଫର୍ମ, ଜିଲ୍ଲା, ମୟୂରଭଞ୍ଜ

---

୧) ପିଲାର ନାମ : -

୨) ଜନ୍ମ ତାରିଖ (ଜନ୍ମ ପ୍ରମାଣପତ୍ରର ଅବିକଳ ନକଲ, ଯଦିଥାଏ ସଂଲଗ୍ନ କରିବେ) :

୩) ଲିଙ୍ଗ :

୪) ଜାତି : (ଜାତିଗତ ପ୍ରମାଣ ପତ୍ରର ନକଲ ଦାଖଲ କରିବେ)

୫) ଜାତି ଓ ଉପଜାତିର ବିବରଣୀ:

୬) ଦରଖାସ୍ତକାରୀ କୌଣସି ଏକ ନିର୍ଦ୍ଦିଷ୍ଟ ଆଦିମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ କି : (ହଁ / ନାଁ)

ଯଦି ହଁ ତେବେ ଗୋଷ୍ଠୀର ନାମ ଉଲ୍ଲେଖ କରନ୍ତୁ :

୭) ନିଜ ଭାଷା:

୮) ପିତାଙ୍କ ନାମ :

୯) ମାତାଙ୍କ ନାମ:

୧୦) ଅଭିଭାବକଙ୍କ ନାମ (ଯଦି ନିଜର ପିତା/ମାତା ନ ଥାନ୍ତି)

୧୧) ପିତା, ମାତା/ ଅଭିଭାବକଙ୍କ ବର୍ତ୍ତମାନ ଠିକଣା:

ଗ୍ରାମ: ଗ୍ରାମପଞ୍ଚାୟତ : ବ୍ଲକ୍: ଜିଲ୍ଲା:

୧୨) ପିତା ମାତା କିମ୍ବା ଅଭିଭାବକଙ୍କ ପ୍ରଧାନ ଜୀବିକା:

୧୩) ପିତାମାତା କିମ୍ବା ଅଭିଭାବକଙ୍କ ଯୋଗାଯୋଗ ନଂ:

୧୪) ପରିବାରର ବି.ପି.ଏଲ୍. କାର୍ଡର ପୂର୍ଣ୍ଣ ବିବରଣୀ:(BPL କାର୍ଡ/ଅନ୍ତୋଦୟ/ଅର୍ଣପୂର୍ଣ୍ଣା କାର୍ଡ ର ଅବିକଳ ନକଲ ସଂଲଗ୍ନ କରନ୍ତୁ)

୧୫) ପିଲାଟି ଅଙ୍ଗନୱାଡ଼ି କେନ୍ଦ୍ରରେ/ପ୍ରାକ୍ ବିଦ୍ୟାଳୟ କେନ୍ଦ୍ରରେ/ ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ଯୋଗଦାନ କରିଛନ୍ତି/ ଶିକ୍ଷା ସମାପ୍ତ କରିଛନ୍ତି କି? (ହଁ / ନାଁ)

୧୬) ଯଦି ହଁ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରନ୍ତୁ

- ସ୍ଥାନର ଅବସ୍ଥିତି ଏବଂ ଅଙ୍ଗନୱାଡ଼ି କେନ୍ଦ୍ର / ପ୍ରାକ୍ ବିଦ୍ୟାଳୟ କେନ୍ଦ ର ନାମ:
- ଅଙ୍ଗନୱାଡ଼ି କେନ୍ଦ୍ର / ପ୍ରାକ୍ ବିଦ୍ୟାଳୟ କେନ୍ଦ୍ର ରେ ବିତାଇଥିବା ସମୟ:

୧୭) ପିଲାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଚିତ୍ର:-

(କ) ବ୍ଲଡ୍ ଗ୍ରୁପ୍ -

(ଖ) ଉଚ୍ଚତା (ସେ:ମି:)

(ଗ) ଓଜନ

(ଘ) ଚିହ୍ନଟ କରିବା ଭଳି କୌଣସି ଚିହ୍ନ:

(ଙ) ପ୍ରାଥମିକ ଟୀକାକରଣ ସମ୍ପୂର୍ଣ୍ଣ ହୋଇଛି କି?

ଯଦି ନାଁ, ବାକୀଥିବା ଟୀକା ଓ ଧାର୍ଯ୍ୟ ତାରିଖର ବିବରଣୀ:

(ଚ) ପିଲା କୌଣସି ସଂକ୍ରାମକ ରୋଗରେ ସଂକ୍ରମିତ କି ? ଯଦି ହଁ ତାହା ହେଲେ ରୋଗର ବିବରଣୀ ଓ କରାଯାଇଥିବା ଚିକିତ୍ସାର ବିବରଣୀ ।

(ଛ) ପିଲା ବିଗତ ୩ ବର୍ଷ ମଧ୍ୟରେ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଅଛି କି? ଯଦି ହଁ, ତାହାର ବିସ୍ତୃତ ବିବରଣୀ:-

୧୮) ପିଲା ଛାତ୍ରାବାସରେ ଅବସ୍ଥାନ ପାଇଁ ଇଚ୍ଛୁକ କି ? (ହଁ/ନାଁ)

ପିତା/ମାତା କିମ୍ବା ଅଭିଭାବକଙ୍କ ସ୍ୱାକ୍ଷର / ଟିପଚିହ୍ନ